# ସ୍ଥିତି ନିୟନ୍ତ୍ରଣ ପାଇଁ ସଜବାଜ


ଅନୁଗୋଳ ବଜାର ରାସ୍ତାରେ ବ୍ୟାରିକେଡ୍ ପୋତାଯାଇଛି।

**ଅନୁଗୋଳ ଅଫିସ, ୧୧।୪**

- ଭିଡ଼ ରୋକିବାକୁ ବଜାରରେ ବ୍ୟାରିକେଡ୍
- ଲୋକେ ଅମାନିଆ ହେଲେ କରାଯିବ ସିଲ୍
- ଦୁଇଗୁଣା ଜରିମାନା କରାଯାଉଛି ଆଦାୟ

ଅନୁଗୋଳ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଯେପରି ବୃଦ୍ଧି ପାଇବାରେ ଲାଗିଛି ଆଗାମୀ ଦିନରେ ସ୍ଥିତି ହାତରୁ ଖସିଯାଇପାରେ। ତେଣୁ ଏପରି ସମ୍ଭାବନାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ପୂର୍ବରୁ କଟକଣା କଡ଼ାକଡ଼ି କରାଯାଇଥିବା ବେଳେ ରବିବାରଠାରୁ ଅମାନିଆଙ୍କ ନିକଟରୁ ୨ ହଜାର ଟଙ୍କା ଲେଖାଏ ଜରିମାନା ଆଦାୟ କରାଯାଉଛି। ଏଥିସହ ବଜାରରେ ଭିଡ଼ ନିୟନ୍ତ୍ରଣ ପାଇଁ ସଜବାଜ ଆରମ୍ଭ ହୋଇଛି। ଗତବର୍ଷ ପରି ବ୍ୟାରିକେଡ୍ ପୋତାଯାଇଛି। ଏହାଦ୍ୱାରା ଆବଶ୍ୟକ ପଡ଼ିଲେ ବଜାରକୁ ସିଲ୍ କରାଯିବା ସହଜ ହେବ ବୋଲି ପ୍ରଶାସନ ପକ୍ଷରୁ ଚେତାଇ ଦିଆଯାଇଛି।

ଆଖପାଖ ଜିଲା ତୁଳନାରେ ଅନୁଗୋଳ ଜିଲାରେ କରୋନା ସଂକ୍ରମଣ ଅଧିକ ରହୁଛି। କେବେଠାରୁ ଦୈନିକ ସଂକ୍ରମିତ ସଂଖ୍ୟା ଦୁଇ ଅଙ୍କ ଛୁଇଁସାରିଛି। ପଜିଟିଭ୍ ସଂଖ୍ୟା ଏପରି ବଢ଼ିଚାଲିଲେ ଶତକ ପାର କରିବା ଆଉ ବେଶୀ ଦୂର ନୁହେଁ ବୋଲି ଆଶଙ୍କା କରାଯାଉଛି। ତେଣୁ ସ୍ଥିତି ଅଣାୟତ୍ତ ହେବା ପୂର୍ବରୁ ପ୍ରଶାସନ ପକ୍ଷରୁ କଠୋର ପଦକ୍ଷେପ ନେବା ଆରମ୍ଭ ହୋଇଛି। ରବିବାର ମେଡିକାଲ ଛକ, ବଜାର ଛକରେ ବ୍ୟାରିକେଡ୍ କରାଯାଇଥିବାବେଳେ ମାସ୍କ ଓ ସାମାଜିକ ଦୂରତ୍ୱ ନିୟମ ପାଳନ କରୁ ନ ଥିବା ଲୋକ ଏବଂ ବ୍ୟବସାୟୀଙ୍କଠାରୁ ୨ ହଜାର ଟଙ୍କା ଲେଖାଏ ଜରିମାନା ଆଦାୟ କରାଯାଇଛି। ବିଶେଷକରି କେତେଜଣ ବ୍ୟବସାୟୀ ବାରମ୍ବାର କଟକଣା ଉଲ୍ଲଂଘନ କରୁଥିବା ଦେଖାଯାଉଥିବାରୁ ଅଧିକ ଅର୍ଥ ଆଦାୟ କରାଯାଉଥିବା ପୌରପାଳିକା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଖୋଦ୍ ନିର୍ବାହୀ ଅଧିକାରୀ ଅନ୍ୟ କର୍ମଚାରୀଙ୍କୁ ଧରି ସହରରେ ବୁଲି ଯାଞ୍ଚ କରୁଥିବା ଦେଖାଯାଉଛି। ଏଥିସହ ସହରକୁ ନୂଆକରି ଆସୁଥିବା ଲୋକଙ୍କୁ ସଚେତନ କରାଯାଉଛି। ରବିବାର ୧୨ ଜଣ ବ୍ୟବସାୟୀ ଓ ୧୪ ଜଣ ସାଧାରଣ ଲୋକଙ୍କ ନିକଟରୁ ୩୧ ହଜାର ଟଙ୍କା ଜରିମାନା ବାବଦକୁ ଆଦାୟ କରାଯାଇଥିବା ସୂଚନା ପ୍ରଦାନ କରାଯାଇଛି। ଜରୁରୀ ନ ଥିଲେ ବଜାର ନ ଆସିବାକୁ ସହରବାସୀଙ୍କୁ ପୌର ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି। ନଚେତ୍ ଆଗାମୀ ଦିନରେ ଜରିମାନା ରାଶି ଆହୁରି ବୃଦ୍ଧି କରାଯିବ ବୋଲି ଚେତାବନୀ ମଧ୍ୟ ଦିଆଯାଇଛି। ଲୋକମାନେ ସଚେତନ ନ ହେଲେ ବ୍ୟାରିକେଡ୍ କରାଯାଇଥିବା ବଜାର ରାସ୍ତାକୁ ସିଲ୍ କରିବାକୁ ପ୍ରଶାସନ ପକ୍ଷରୁ ଯୋଜନା ହେଉଥିବା ସୂଚନା ମିଳିଛି।

### ଭିଡ଼ ନିୟନ୍ତ୍ରଣ ପାଇଁ ବ୍ୟାରିକେଡ୍



"ବାରମ୍ବାର ସଚେତନ କରାଯାଉଥିଲେ ମଧ ବହୁ ଲୋକ କଟକଣା ପାଳନ କରୁନାହାନ୍ତି। ବଜାରରେ ବ୍ୟାରିକେଡ୍ ପୋତାଯିବାର ମୁଖ୍ୟ କାରଣ ହେଉଛି ଭିଡ଼ ନିୟନ୍ତ୍ରଣ କରିବା। ଭିଡ଼ ନ କମିଲେ ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଇବ। ଏପରି ହେଲେ ବଜାରକୁ ସିଲ୍ କରାଯିବ।

-ଗିରିଜା ଶଙ୍କର ମଲ୍ଲିକ, ପୌର ନିର୍ବାହୀ ଅଧିକାରୀ

### ପୋଲିସ ମୁତୟନ ଆବଶ୍ୟକ



"ସଂକ୍ରମଣ ବଢୁଥିବାରୁ କଟକଣା ନ ରହିଲେ ଏହା ଭୟଙ୍କର ରୂପ ନେବ। ତେବେ ବଜାରରେ ବ୍ୟାରିକେଡ୍ ପରିବର୍ତ୍ତେ ପୋଲିସ ମୁତୟନ କରାଗଲେ ଭଲ ହୁଅନ୍ତା। ବ୍ୟାରିକେଡ ନିକଟରେ ଭିଡ଼ ଅଧିକ ହୋଇଥାଏ। ଏପରି କି ସେଠାରେ ସାମାଜିକ ଦୂରତ୍ୱ ରହି ନ ଥାଏ।

-ଭୂପେଶ ଚନ୍ଦ୍ର ପ୍ରଧାନ, ସଭାପତି, କଳାକାର

### ବେଳ ଥାଉ ଥାଉ ସାବଧାନତା ଲୋଡ଼ା



"କରୋନାର ଦ୍ୱିତୀୟ ଲହର ଏବେ ଭୟଙ୍କର ସ୍ଥିତି ଆଡ଼କୁ ଗତି କରୁଛି। ବେଳ ଥାଉ ଥାଉ ସାବଧାନ ହେବା ଆବଶ୍ୟକ। ନଚେତ ଏହା ପରର ସ୍ଥିତି ଆମକୁ ହିଁ ଭୋଗିବାକୁ ପଡ଼ିବ। ଲକ୍‌ଡାଉନ୍‌କୁ ସବୁ ମହଲରେ ବିରୋଧ କରାଯାଉଥିବାରୁ ସେହି ଅନୁଯାୟୀ କାର୍ଯ୍ୟ କରିବା ଆବଶ୍ୟକ।

-ସାଇସ୍ମିତା ସାହୁ, ଅନୁଗୋଳ

### ଅମାନିଆ ସାବାଡ଼ ହେବା ଦରକାର



"ଲୋକଙ୍କୁ ସଚେତନ କରିବା ସହ ଉଲ୍ଲଂଘନକାରୀଙ୍କ ଠାରୁ ପ୍ରଶାସନ ଜରିମାନା ଆଦାୟ କରୁଛି। ତଥାପି ସହରରେ ବହୁ ଲୋକ ମାସ୍କ ପିନ୍ଧୁ ନାହାନ୍ତି। ସାମାଜିକ ଦୂରତ୍ୱ ରଖୁନାହାନ୍ତି। ତେଣୁ ଏମାନେ କରୋନାକୁ ବଢ଼ାଇଦେବେ। ଏପରି ଅମାନିଆମାନଙ୍କୁ ସାବାଡ଼ କରାଯିବା ଦରକାର।

-ବିଭୂତି କିଷାନ, ଅନୁଗୋଳ

## ବଳାତ୍କାର ଅଭିଯୋଗରେ ଯୁବକ ଅଟକ

**ଅନୁଗୋଳ ଅଫିସ, ୧୧।୪**

ଚାକିରି ପ୍ରଲୋଭନ ଦେଖାଇ ଜଣେ ଯୁବତୀଙ୍କୁ ଅନୁଗୋଳ ସହର ଉପକଣ୍ଠ ଏକ ଜଙ୍ଗଲରେ ବଳାତ୍କାର କରାଯାଇଥିବା ଶନିବାର ସଦର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯିବା ସହ ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖାଯାଇଛି। ଘଟଣାର ଅନୁଧ୍ୟାନ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସଦର ଥାନା ଅଧିକାରୀ ପ୍ରଭାତ ତ୍ରିପାଠୀ ସୂଚନା ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଢେଙ୍କାନାଳ ଜିଲାର ସମ୍ପୃକ୍ତା ଯୁବତୀ ଅନୁଗୋଳ ସହରରେ କାମ କରନ୍ତି। ଅଭିଯୁକ୍ତ ଯୁବକଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ଏକ ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ଯୁବତୀଙ୍କୁ ଚାକିରି କରାଇଦେବେ ବୋଲି ଯୁବକ ଜଣଙ୍କ କହିଥିଲେ। ପରେ ଚାକିରି କ୍ଷେତ୍ରକୁ ଯିବା ବାହାନାରେ ଯୁବକ ଜଣଙ୍କ ଯୁବତୀଙ୍କୁ ମୋଟରସାଇକେଲ୍‌ରେ ବସାଇ ନେଇଯାଇଥିଲେ। ହେଲେ ଉକ୍ତ ଜଙ୍ଗଲ ଭିତରକୁ ନେଇ ଯୁବତୀଙ୍କୁ ବଳାତ୍କାର କରିଥିଲେ। ବିରୋଧ କରିବାରୁ ଯୁବକ ଜଣଙ୍କ ବାହା ହେବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସମ୍ପୃକ୍ତ ଯୁବକ ବିବାହିତ ବୋଲି ଜାଣିବା ପରେ ନ୍ୟାୟ ପାଇଁ ସଦର ଥାନାର ଦ୍ୱାରସ୍ଥ ହୋଇଥିବା ଯୁବତୀ ଅଭିଯୋଗରେ ଦର୍ଶାଇଛନ୍ତି।

## ସଂକ୍ଷେପରେ

### ମହିଳାଙ୍କୁ ନିର୍ଯାତନା ଅଭିଯୋଗ

**ବଇଣ୍ଡା,୧୧।୪(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଗ୍ରାମର ସନ୍ଧ୍ୟାରାଣୀ ଦେହୁରୀଙ୍କୁ ତାଙ୍କ ସ୍ୱାମୀ ସୂର୍ଯ୍ୟକାନ୍ତ ମାଝି ନିର୍ଯାତନା ଦେଉଥିବା ରବିବାର ହଣ୍ଡପା ଥାନାରେ ଅଭିଯୋଗ ହୋଇଛି। ସନ୍ଧ୍ୟାରାଣୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୯୯/୨୧ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି,୨୦୧୫ ମସିହାରେ ସୂର୍ଯ୍ୟକାନ୍ତ ସନ୍ଧ୍ୟାରାଣୀଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ହେଲେ କିଛି ମାସ ହେବ ଅଧିକ ଯୌତୁକ ଆଣିବାକୁ କହି ସ୍ୱାମୀ ମାଡ଼ ସହ ନିର୍ଯାତନା ଦେଉଥିବା ସନ୍ଧ୍ୟାରାଣୀ ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

### ଯୁବକଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା,୧୧।୪(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ସାନଗୋବିନ୍ଦପୁର ଗ୍ରାମର ଟିଟୁ ନାୟକଙ୍କୁ ସେହି ଗ୍ରାମର ରାମଚନ୍ଦ୍ର ଷଣ୍ଡ ଶନିବାର ମାଡ଼ ମାରିଥିବା ବଇଣ୍ଡା ଫାଣ୍ଡିରେ ଅଭିଯୋଗ ହୋଇଛି। ଟିଟୁଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୯୮/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ଉଭୟଙ୍କ ମଧ୍ୟରେ ପୂର୍ବରୁ ଗଣ୍ଡଗୋଳ ଲାଗି ରହିଥିଲା। ଶନିବାର ଟିଟୁ ଘରକୁ ଯାଉଥିବାବେଳେ ରାମଚନ୍ଦ୍ର ତାଙ୍କୁ ମାଡ଼ ମାରିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି।

### ଶାଗୁଆନ, କାଜୁ ଗଛ ଜଳିଗଲା



**ବଇଣ୍ଡା,୧୧।୪(ଡି.ଏନ.ଏ.):** ଆଠମଲିକ ବ୍ଲକ ପେଡିପଥର ପଞ୍ଚାୟତ ଝାରବଇଣ୍ଡା ଗ୍ରାମରେ ଥିବା ବେଣୁଧର ସାହୁ, ସର ରଣା, ସୁବଳ ରଣା, ସୁଦାମ ରଣା, ସର୍ବେଶ୍ୱର ରଣାଙ୍କ ୧୦୦ କାଜୁ ଓ ୫୦ ଶାଗୁଆନ ଗଛ ଶନିବାର ଜଳିଯାଇଛି। ଏହି ଅଗ୍ନିକାଣ୍ଡ କିଭଳି ଘଟିଲା ତାହା ଜଣାପଡି ନ ଥିବା ବେଳେ ଗଛଗୁଡିକ ଉପରେ ଯାଇଥିବା ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାରରୁ ଶର୍ଟସର୍କିଟ ହୋଇ ନିଆଁ ଲାଗିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଗ୍ରାମବାସୀ ଓ ଆଠମଲ୍ଲିକ ଅଗ୍ନିଶମ ବିଭାଗ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିଥିଲେ।

### ଆକ୍ରମଣ ଅଭିଯୋଗରେ ଜଣେ ଗିରଫ

**କଣିହାଁ,୧୧।୪(ଡି.ଏନ.ଏ.):** ଅନୁଗୋଳ ଜିଲା କଣିହାଁ ଥାନା ଅଞ୍ଚଳରେ ଦାଦାବଟି ପାଇଁ ଟ୍ରକ୍ ଚାଳକଙ୍କୁ ଆକ୍ରମଣ ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ଅନ୍ୟ ଦୁଇଜଣ ଫେରାର ହୋଇଯାଇଛନ୍ତି। ଥାନା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର କଣିହାଁ ଥାନା ତେଲିସିଙ୍ଗା ପୋଷ୍ଟ ଅଫିସ ଛକଠାରେ ଏକ ଟ୍ରକ୍‌କୁ କେତେଜଣ ଯୁବକ କାର (ନଂ. ଓଡି ୩୫ ଡି-୧୦୮୧) ଦ୍ୱାରା ଅଟକାଇ ଟ୍ରକ୍ ଚାଳକ ଦେଭୂଇଁ ଗ୍ରାମର ସୁବ୍ରତ ପ୍ରଧାନଙ୍କୁ ଦାଦାବଟି ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲେ। ଏଥିସହିତ ଟ୍ରକ୍‌ଟିକୁ ନିକଟସ୍ଥ ପୋଖରୀକୁ ଖସାଇ ଦେଇଥିଲେ। ଚାଳକ ସୁବ୍ରତଙ୍କ ଅଭିଯୋଗ କ୍ରମେ କଣିହାଁ ଥାନାରେ ନମ୍ବର ୯୯/୨୦୨୧ରେ ମାମଲା ରୁଜୁ ହୋଇଥିଲା। ପୋଲିସ ଅଭିଯୁକ୍ତ ତେଲିସିଙ୍ଗା ଗ୍ରାମର ଶ୍ରବଣ ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ସିପୁ ସାହୁ ଓ ଭୀମକାଣ୍ଡ ଗ୍ରାମର ନିକୁଞ୍ଜ ପ୍ରଧାନ ଫେରାର ଥିବା ଜଣାପଡିଛି। ବ୍ୟବହୃତ କାର ଜବତ କରାଯାଇଛି।

### ଝଡ଼ବର୍ଷା: ଉଡ଼ିଲା ପାଉଁଶ

**କଣିହାଁ,୧୧।୪(ଡି.ଏନ.ଏ.):** କଣିହାଁ ବ୍ଲକ ଅଞ୍ଚଳରେ ରବିବାର ଅପରାହ୍ନରେ ଝଡବର୍ଷା ହୋଇଛି। ଜୋରଦାର ପବନ ଯୋଗୁ ବିଭିନ୍ନ ବିଦ୍ୟୁତ୍ ପ୍ରକଳ୍ପରୁ ପାଉଁଶ ଗୁଣ୍ଡ, ଏମ୍‌ସିଏଲ୍‌ର କଣିହାଁ କୋଇଲା ଖଣିରୁ କୋଇଲା ଗୁଣ୍ଡ ଉଡ଼ି ୧୦ ପଞ୍ଚାୟତର ବିଭିନ୍ନ ଗ୍ରାମରେ ପଡ଼ିବା ସହ ପରିବେଶ ପ୍ରଦୂଷିତ କରିଛି। ଏହାର ପ୍ରଭାବ ବଡ଼ହୀରା, ମସୁଣୀହତା, ଭୂଇଁପୁର ଗ୍ରାମ ସହିତ ତେରଙ୍ଗ ଓ କାକୁଡ଼ିଆ ପଞ୍ଚାୟତ ଅଞ୍ଚଳରେ ଦେଖିବାକୁ ମିଳିଛି। ଅଧଘଣ୍ଟା ଧରି ଜନସାଧାରଣ ପାଉଁଶ ଓ କୋଇଲା ଗୁଣ୍ଡରେ ନୟାନ୍ତ ହୋଇଥିଲେ। ତେବେ ବର୍ଷା ହେବାରୁ ପାଉଁଶ ପ୍ରଦୂଷଣ ସହିତ ଗ୍ରୀଷ୍ମ ପ୍ରବାହରୁ ସାମୟିକ ମୁକ୍ତି ମିଳିଥିଲା। ପ୍ରତିକାର ବ୍ୟବସ୍ଥା ନ ହେବା ପର୍ଯ୍ୟନ୍ତ ପ୍ରଦୂଷଣର ବିଷ ବଳୟରୁ ରକ୍ଷା ମିଳିବ ନାହିଁ ବୋଲି ଅନେକ ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି।

## ୫୧ ୟୁନିଟ୍ ରକ୍ତ ସଂଗ୍ରହ

**ବଇଣ୍ଡା,୧୧।୪(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ କିଆକଟା ପଞ୍ଚାୟତ ଅଫିସ ପରିସରରେ ରବିବାର ଓଡ଼ିଶା ମୋ ପରିବାର ଓ ଯୁବ ବିଜେଡି ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ବିଜେଡି ଯୁବ ସଭାପତି ଦିନେଶ ପ୍ରଧାନ, ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ମୀନାକ୍ଷୀ ଦଳେଇ, ସ୍ଥାନୀୟ ସରପଞ୍ଚ ସୋମନାଥ ମଲିକ, ବିଧାୟକଙ୍କ ପ୍ରତିନିଧି କ୍ଷୀରୋଦ ବଘାର, ବ୍ଲକ ବିଜେଡି ସଭାପତି ବୃନ୍ଦାବନ ସାହୁ, ଯୁବ ବିଜେଡି ଜିଲା ଉପସଭାପତି ଜିତେନ୍ଦ୍ର କୁମାର ସାହୁ, ବିଜେଡି ନେତା ଚୌଧୁରୀ ସାଏ, ତାପସ ସାହୁ, ଅରୁଣ ସାହୁ, କାଳନ୍ଦୀ ପ୍ରଧାନ, ସୁଶାନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ବିଭିନ୍ନ ଅଞ୍ଚଳରୁ ଯୁବତୀ ଯୁବକ, ମହିଳା ପୁରୁଷ ଯୋଗଦେଇ ରକ୍ତ ଦାନ କରିଥିଲେ। ମୋଟ୍ ୫୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।


ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

## ୩୬ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୧୧।୪**

ଅନୁଗୋଳ ଜିଲାରୁ ରବିବାର ୩୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ପଜିଟିଭ୍ ସଂଖ୍ୟା ୧୨ ହଜାର ୭୫୬ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଜିଲାରୁ ଚିହ୍ନଟ ହୋଇଥିବା ନୂଆ ସଂକ୍ରମିତଙ୍କ ମଧ୍ୟରେ ତାଳଚେର ବ୍ଲକରୁ ସର୍ବାଧିକ ୮ ଜଣ ରହିଥିବାବେଳେ ଛେଣ୍ଡିପଦା ବ୍ଲକରୁ ୭, କିଶୋରନଗର ବ୍ଲକରୁ ୬, ଅନୁଗୋଳ ପୌରାଞ୍ଚଳରୁ ୫, ବଣଅରପାଳ ବ୍ଲକରୁ ୪, ଆଠମଲ୍ଲିକ ବ୍ଲକରୁ ୩, କଣିହାଁ ବ୍ଲକରୁ ୨ ଜଣ ଓ ଅନୁଗୋଳ ବ୍ଲକରୁ ଜଣେ ରହିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୧୩ ଜଣ କରୋନାରୁ ସୁସ୍ଥ ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ରବିବାର ଅନୁଗୋଳ ବସ୍‌ଷ୍ଟାଣ୍ଡ ଠାରେ ୧୦୦ ଜଣ ବ୍ୟବସାୟୀଙ୍କ ଆର୍‌ଟିପିସିଆର ଟେଷ୍ଟ ପାଇଁ ପୌରପାଳିକା ପକ୍ଷରୁ ସ୍ୱାବ୍ ସଂଗ୍ରହ କରାଯାଇଛି। ତେବେ ଶନିବାର ଓ ରବିବାର ହୋଇଥିବା ବ୍ୟବସାୟୀଙ୍କ କରୋନା ପରୀକ୍ଷାର ରିପୋର୍ଟ ଆସିନାହିଁ ବୋଲି ପୌରପାଳିକା ପକ୍ଷରୁ କୁହାଯାଇଛି।

## ସ୍ୱତନ୍ତ୍ର ରାସ୍ତା ନେଇ ଆଲୋଚନା


ବିଧାୟକ ମୁକେଶ କୁମାର ପାଲ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

**ପାଲଲହଡ଼ା,୧୧।୪(ଡି.ଏନ.ଏ.)**

**କଲେଜ ସମ୍ମୁଖ ରାଜପଥ କରୁଛି ଅଡୁଆ**

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଦେଇ ଯାଇଥିବା ୪୯ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କିନ୍ତୁ ଏହି ରାଜପଥ ମାଲ୍ୟଗିରି ମହାବିଦ୍ୟାଳୟର ଅତି ନିକଟରେ ଯାଇଥିବାରୁ ଛାତ୍ରୀଛାତ୍ରଙ୍କ ଦୁର୍ଘଟଣା ଆଶଙ୍କା ବଢ଼ିଯାଇଛି। ତେଣୁ ଛାତ୍ରୀଛାତ୍ରଙ୍କ ଯାତାୟାତ ପାଇଁ ଏକ ସ୍ୱତନ୍ତ୍ର ରାସ୍ତା ନିର୍ମାଣ ସମ୍ପର୍କରେ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ ଠିକା ସଂସ୍ଥା ଏବଂ ଜାତୀୟ ରାଜପଥ ପ୍ରାଧିକାରଣ ଅଧିକାରୀଙ୍କ ସହ ରବିବାର ଆଲୋଚନା କରିଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଉକ୍ତ ରାଜପଥ ମୁମ୍ବାଇରୁ କୋଲକାତାକୁ ସଂଯୋଗ କରୁଥିବାରୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଗାଡି ଯାତାୟାତ କରୁଛି। ଏହା କଲେଜ ସମ୍ମୁଖ ଦେଇ ଯାଇଥିବାରୁ ଛାତ୍ରୀଛାତ୍ରମାନେ ଅସୁବିଧାରେ ପଡୁଛନ୍ତି। କଲେଜ ସମ୍ମୁଖରେ ପିଲାଙ୍କ ସର୍ବଦା ଗହଳି ରହୁଥିବାରୁ ସେମାନଙ୍କ ସୁରକ୍ଷା ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାକୁ ନେଇ ଅଭିଭାବକ ଏବଂ କଲେଜ କର୍ତ୍ତୃପକ୍ଷ ଚିନ୍ତିତ ହୋଇପଡ଼ିଛନ୍ତି। ଏହାର ସମାଧାନ ପାଇଁ ବିଧାୟକ ପାଲ କଲେଜ ପରିଦର୍ଶନରେ ଯିବା ସହ ଆସୁଥିବା ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦେବା ପାଇଁ ଠିକା ସଂସ୍ଥା ଏବଂ ରାଜପଥ ପ୍ରାଧିକରଣ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ଯିବା ଆସିବା ନିମନ୍ତେ ଏକ ନୂଆ ରାସ୍ତା ନିର୍ମାଣ କରି ପୁରୁଣା ରାସ୍ତାରେ ମିଶ୍ରଣ କରିବା ପାଇଁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଠିକା ସଂସ୍ଥାର ପରିଚାଳକ ସୀମାଦ୍ରୀ ଗାନେ, ବ୍ଲକ ବିଜେଡି ସଭାପତି ଗଙ୍ଗାଧର ଜିତ୍, ଦିଲୀପ କୁମାର ଉଦାବଳ, ରଞ୍ଜିତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ବୈଠକ ବନ୍ଦ କଲା ପ୍ରଶାସନ

**ଅନୁଗୋଳ ଅଫିସ, ୧୧।୪**

ଅନୁଗୋଳ ସହର ଅମଲାପଡ଼ା ଦୁର୍ଗାମଣ୍ଡପ ପକ୍ଷରୁ ରବିବାର ଏକ ବୈଠକ ଡକାଯାଇଥିବା ବେଳେ ଏହାକୁ ପ୍ରଶାସନ ବନ୍ଦ କରିଛି। କରୋନା ସମୟରେ କୌଣସି ବୈଠକ ହୋଇପାରିବ ନାହିଁ ବୋଲି ସରକାର ନିର୍ଦ୍ଦେଶନାମା ଜାରି କରିଥିବାରୁ ବୈଠକ ବନ୍ଦ କରାଯାଇଥିବା ସୂଚନା ମିଳିଛି। ଏକ ଟେଣ୍ଟ ହାଉସକୁ ଜାଗା ଦେବାକୁ ନେଇ ଦେଖାଦେଇଥିବା ବିବାଦର ସମାଧାନ ଉଦ୍ଦେଶ୍ୟରେ ଏହି ବୈଠକ ଡକାଯାଇଥିଲା ବୋଲି ଚର୍ଚ୍ଚା ହେଉଛି। କୁହାଯାଉଛି ଯେ, ଏକ ଟେଣ୍ଟ ହାଉସକୁ ପୂଜା କମିଟି ସଦସ୍ୟଙ୍କ ଦ୍ୱାରା ଅସ୍ଥାୟୀ ଟେଣ୍ଟଗୃହ କରିବାକୁ ଅନୁମତି ପ୍ରଦାନ କରାଯାଇଥିଲା। କିନ୍ତୁ ଉକ୍ତ ଟେଣ୍ଟ ହାଉସ ମାଲିକ ଜଣଙ୍କ ଅସ୍ଥାୟୀ ବଦଳରେ ଉକ୍ତ ସ୍ଥାନରେ ସ୍ଥାୟୀ ଟେଣ୍ଟ କରିବା ସହ ପଡ଼ିଆକୁ ମାଡ଼ି ବସିଛନ୍ତି। ମଣ୍ଡପ ସଦସ୍ୟମାନେ ସେ ସମୟରେ ବିରୋଧ କରିଥିଲେ। କିନ୍ତୁ ଗୋଟିଏ ପ୍ରଭାବଶାଳୀ ଗୋଷ୍ଠୀ ଏହି ମଣ୍ଡପ କରିବାକୁ ଏକ କମିଟି କରି ଅନୁମତି ପ୍ରଦାନ କରିଥିଲେ। ଏହାକୁ ନେଇ ଦୀର୍ଘ ଦିନ ହେବ ଶୀତଳଯୁଦ୍ଧ ଲାଗି ରହିଥିବାବେଳେ ରବିବାର ବୈଠକ କରି ସମାଧାନ ନିମନ୍ତେ ଯୋଜନା ହୋଇଥିବା ଆଲୋଚନା ହେଉଛି। କିନ୍ତୁ ବୈଠକ ପୂର୍ବରୁ ପ୍ରଶାସନ ତାହାକୁ ବନ୍ଦ କରିଥିଲା। ଘଟଣା ସମ୍ପର୍କରେ ଅମଲାପଡ଼ା ଦୁର୍ଗା ମଣ୍ଡପ ସମ୍ପାଦକ ଅକ୍ଷୟ କୁମାର ସାମନ୍ତ କହିଛନ୍ତି, ଟେଣ୍ଟ ହାଉସକୁ ନେଇ କୌଣସି ବୈଠକ ଡକାଯାଇ ନ ଥିଲା। ପୂଜା କମିଟି ବୈଠକ ଡକାଯାଇଥିଲା।



ଅମଲାପଡ଼ା ଦୁର୍ଗାମଣ୍ଡପ ଗେଟ୍‌ରେ ବୈଠକ ବନ୍ଦ ହେବା ସମ୍ପର୍କରେ ବ୍ୟାନର ମରାଯାଇଛି।

## ପାଣି ନ ପାଇ ରାସ୍ତାରୋକିଲେ ମହିଳା

**ବନ୍ତଲା,୧୧।୪(ଡି.ଏନ.ଏ.)**

ଅନୁଗୋଳ ଜିଲା ବନ୍ତଲା ଥାନା ନନ୍ଦପୁର ଗ୍ରାମରେ ପାଇପ୍ ପାଣିକୁ ନେଇ ବିବାଦ ଦେଖାଦେଇଛି। ଗ୍ରାମକୁ ପାଣି ବନ୍ଦ କରାଯାଇଥିବା ଅଭିଯୋଗ କରି ଶନିବାର ଗ୍ରାମର ମହିଳାମାନେ ପାଣି ଟାଙ୍କି ଗୃହରେ ତାଲା ପକାଇ ଦେଇଥିଲେ। କୌଣସି ସମାଧାନ ନ ହେବାରୁ ରବିବାର ଅପରାହ୍ନରେ ସେମାନେ ବନ୍ତଲା-କରତପଟା ପୂର୍ତ୍ତ ବିଭାଗ ରାସ୍ତାରେ ଗରା, ବାଲତି ଧରି ରାସ୍ତାରୋକୋ କରିଥିଲେ।

ଗ୍ରାମବାସୀ କହିଛନ୍ତି, ନନ୍ଦପୁରରେ ପରିବାର ସଂଖ୍ୟା ୪୦୦। ନନ୍ଦପୁର ଓ ବରହମପୁର ଦୁଇଟି ଗ୍ରାମ ପାଇଁ ନନ୍ଦପୁର ପ୍ରାଥମିକ ବିଦ୍ୟାଳୟ ଠାକୁରାଣୀ ପିଢ଼ ନିକଟରେ ଗୋଟିଏ ଉଚ୍ଚ କ୍ଷମତା ସମ୍ପନ୍ନ ପାଣି ଟାଙ୍କି ବ୍ୟବସ୍ଥା ହୋଇଛି। ଦିନକୁ ଦୁଇଥର ଏକ ଘଣ୍ଟା ଲେଖାଏ ପାଇପ ଯୋଗେ ପାଣି ଗ୍ରାମବାସୀଙ୍କୁ ଯୋଗାଇ ଦିଆଯାଉଛି। ଉଭୟ ଗ୍ରାମକୁ ପାଣି ଦେବାକୁ ଦୁଇଜଣ ଅପରେଟର ରହିଛନ୍ତି। କିନ୍ତୁ ୩ଦିନ ହେବ ନନ୍ଦପୁର ଗ୍ରାମବାସୀ ପାଣି ପାଇବାରୁ ବଞ୍ଚିତ ହୋଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଗ୍ରାମକୁ ପାଣି ଯୋଗାଇ ଦେବା ପାଇଁ ଗ୍ରାମର ତିଳଉତ୍ତମା ସାହୁ, କନକ ସାହୁ, ସୂର୍ଯ୍ୟକାନ୍ତୀ ସାହୁ, ଚନ୍ଦ୍ରମା ସାହୁ, ପ୍ରମିଳା ସାହୁ, ଅହଲ୍ୟା ସାହୁ, ଲଳିତା ସାହୁ, ଉମୁଣି ସାହୁ, କବିତା ସାହୁ, ମେଘନୀ ପ୍ରଧାନ, ଉପମା ପ୍ରଧାନ ପ୍ରମୁଖ ଦାବି କରିଛନ୍ତି। ଏ ବିଷୟରେ ନନ୍ଦପୁର ସରପଞ୍ଚ ନମିତା ପ୍ରଧାନ କହିଛନ୍ତି, ନନ୍ଦପୁର ଓ ବରହମପୁର ଦୁଇଟି ଗ୍ରାମ ପାଇଁ ଦୁଇଟି ପମ୍ପରୁ ପାଣି ଦିଆଯାଉଥିଲା। ନନ୍ଦପୁର ଯୋର ନିକଟ ପମ୍ପରୁ ପାଣି ବ୍ୟବହାର ନ କରିବା ପାଇଁ ନନ୍ଦପୁର ଗ୍ରାମବାସୀ କହିବା ପରେ ଉଭୟ ଗ୍ରାମବାସୀ ବୈଠକ କରି ସ୍କୁଲ ନିକଟ ପମ୍ପରୁ ପାଣି ବ୍ୟବହାର କରୁଥିଲେ। ଏଥିସହ ଏକ କମିଟି ମଧ୍ୟ ଗଠନ ହୋଇଛି। କିନ୍ତୁ ଦୁଇଦିନ ହେଲା କରେଣ୍ଟ ଟ୍ରିପ୍ କରିବାରୁ ପାଣି ଯୋଗାଣ ବନ୍ଦ ହୋଇଥିଲା। ପ୍ରତିବାଦରେ ନନ୍ଦପୁର ମହିଳାମାନେ ପମ୍ପ ଗୃହରେ ତାଲା ପକାଇବା ସହିତ ରାସ୍ତାରେ ବସି ଆନ୍ଦୋଳନ କରିଛନ୍ତି। ଏ ନେଇ ବ୍ଲକ ଆରଡବ୍ଲ୍ୟୁଏସ୍ଏସ୍ କନିଷ୍ଠ ଯନ୍ତ୍ରୀଙ୍କୁ ଜଣାଇ ଦିଆଯାଇଥିବା ସରପଞ୍ଚ ପ୍ରକାଶ କରିଛନ୍ତି। ଆର୍‌ଡବ୍ଲୁଏସ୍ଏସ୍ କନିଷ୍ଠ ଯନ୍ତ୍ରୀ ରଶ୍ମିତା ବରାଳ କହିଛନ୍ତି, ସରପଞ୍ଚ ସୂଚନା ଦେଇଛନ୍ତି। ସୋମବାର ଘଟଣାସ୍ଥଳକୁ ଯାଇ ଗ୍ରାମବାସୀଙ୍କୁ ଡକାଇ ସମାଧାନ କରିବା ସହିତ ପାଣି ପାଇବା ପାଇଁ ବ୍ୟବସ୍ଥା କରାଯିବ।


ପାଣି ଦାବିରେ ମହିଳାମାନେ ରାସ୍ତା ଉପରେ ଆନ୍ଦୋଳନ କରୁଛନ୍ତି।

## ସଂକ୍ଷେପରେ

### ଓଡ଼ିଶା ପ୍ରଗତି ଦଳ ବୈଠକ



**ପରଜଙ୍ଗ,୧୧।୪(ଡି.ଏନ.ଏ.):** ପରଜଙ୍ଗ ବ୍ଲକ ପାଣିପଞ୍ଚାୟତ ସଭାଗୃହ ଠାରେ ଓଡ଼ିଶା ପ୍ରଗତି ଦଳ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ମଧୁବାବୁଙ୍କ ଆଦର୍ଶ ଓ ବିଚାରକୁ ପାଥେୟ କରି ଦଳ ଓଡ଼ିଶାର କୋଣ ଅନୁକୋଣରେ କାର୍ଯ୍ୟକ୍ରମ ଆରମ୍ଭ କରିଥିବା ପରିପ୍ରେକ୍ଷୀରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଯୁବ, ଛାତ୍ର, ମହିଳା, କୃଷକ, ଶ୍ରମିକ ଓ ପ୍ରତ୍ୟେକ ବର୍ଗର ବ୍ୟକ୍ତିଙ୍କୁ ମୌଳିକ ଅଧିକାର ଏବଂ ନ୍ୟାୟ ଯୋଗାଇ ଦେବା ଦଳର ମୁଖ୍ୟ ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ଅରୁଣ ପତି, ଜିଲା ସଭାପତି ପ୍ରତାପ କୁମାର ପଣ୍ଡା, ପରଜଙ୍ଗ ବ୍ଲକ ସଭାପତି ପ୍ରକାଶ ଚନ୍ଦ୍ର ବିଶ୍ୱାଳ ଓ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ।

### କସ୍ତୁରବାଙ୍କ ୧୫୨ ତମ ଜୟନ୍ତୀ



**ଅନୁଗୋଳ ଅଫିସ, ୧୧।୪:** ରାଷ୍ଟ୍ରୀୟ ଯୁବା ସଙ୍ଗଠନ ଅନୁଗୋଳ ଆନୁକୂଲ୍ୟରେ କସ୍ତୁରବା ଗାନ୍ଧୀଙ୍କ ୧୫୨ ତମ ଜୟନ୍ତୀ ମାଟିଆସାହି ସ୍ଥିତ ସ୍ୱଧାର ଗୃହରେ ରବିବାର ସନ୍ଧ୍ୟାରେ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ସାମାଜିକକର୍ମୀ ବିଦ୍ୟାଧର ନାୟକ, କଲ୍ୟାଣ କିଶୋର ମହାନ୍ତି, ରାଷ୍ଟ୍ରୀୟ ଯୁବା ସଙ୍ଗଠନର ପୂର୍ବତନ ରାଜ୍ୟ ସଂଯୋଜକ ଅଦ୍ୟାଶ୍ଳୋକ ମିଶ୍ର, ବିଭୂତି କିଷାନ ପ୍ରମୁଖ ଉପସ୍ଥିତ ଥିଲେ। ମହାତ୍ମା ଗାନ୍ଧୀ ସେ ସମୟରେ ଯେଉଁସବୁ ଆନ୍ଦୋଳନ କରୁଥିଲେ ସେଥିରେ କସ୍ତୁରବା ପ୍ରଥମ ଧାଡିରେ ତାଙ୍କ ସହିତ ଛିଡା ହେଉଥିଲେ ବୋଲି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ କହିଥିଲେ। ସ୍ୱଧାର ପରିଚାଳିକା ସାଇସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ୪ ସଂକ୍ରମିତ, ୫ ସୁସ୍ଥ

ଢେଙ୍କାନାଳ ଅଫିସ,୧୧।୪- ଢେଙ୍କାନାଳ ଜିଲାରୁ ରବିବାର ୪ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେହିପରି ଦିନକରେ ୫ଜଣ ଏହି ମହାମାରୀରୁ ଆରୋଗ୍ୟଲାଭ କରିଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଗଁଦିଆ ବ୍ଲକରୁ ୨ଜଣ, ଢେଙ୍କାନାଳ ପୌରାଞ୍ଚଳରୁ ୨ଜଣ ରହିଛନ୍ତି। ଆକ୍ରାନ୍ତମାନଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ରବିବାର ସୁଦ୍ଧା ଜିଲାରେ ମୋଟ୍ ୫୭୬୬ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୫୭୧୫ଜଣ ସୁସ୍ଥ ହୋଇସାରିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ଜଳିଗଲା ପାଳଗଦା

**କଣିହାଁ,୧୧।୪(ଡି.ଏନ.ଏ.):** ଅନୁଗୋଳ ଜିଲା କଣିହାଁ ବ୍ଲକ ଅଞ୍ଚଳରେ ବଜ୍ରପାତ ଯୋଗୁ ଜଣେ ବ୍ୟକ୍ତିଙ୍କ କ୍ଷୟକ୍ଷତି ହୋଇଛି। ସୂଚନା ଅନୁଯାୟୀ, ସମଲ ଥାନା ଅଞ୍ଚଳ ଗହମ ନୂଆଁସାହିର ନରୋତ୍ତମ ନାଏକଙ୍କ ପାଳଗଦା ସହିତ ଛତୁ ଓ ଗୋଖାଦ୍ୟ ପାଇଁ ଗଚ୍ଛିତ ଥିବା ୫ ହଜାର ନଡ଼ା ବିଡ଼ା ଜଳିଯାଇଛି। ଖବରପାଇ କଣିହାଁ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ତୁରନ୍ତ କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କୁ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହୋଇଛି। ଏ ନେଇ କଣିହାଁ ଅଗ୍ନିଶମ ବିଭାଗ ଅଧିକାରୀ ରୋହିତ ବେହେରା କହିଛନ୍ତି, ଗହମ ଗ୍ରାମର ନରୋତ୍ତମ ନାଏକଙ୍କ ଘର ନିକଟରେ ଥିବା ଏକ ତାଳଗଛ ଉପରେ ବଜ୍ରପାତ ହୋଇଥିଲା। ତାଳଗଛ ଜଳିବା ବେଳେ ସେଠାରୁ ନିଆଁ ଉଡ଼ି ନରୋତ୍ତମ ନାଏକଙ୍କ ପାଳଗଦାରେ ଅଗ୍ନି ସଂଯୋଗ ହୋଇଯାଇଥିଲା। ଫଳରେ ପାଳଗଦା ସହିତ ଛତୁଚାଷ ପାଇଁ ରଖାଯାଇଥିବା ୫ ହଜାର ନଡ଼ା ବିଡା ଜଳିଯାଇଛି। ଆନୁମାନିକ କ୍ଷୟକ୍ଷତିର ମୂଲ୍ୟ ୫୦ ହଜାରରୁ ଊର୍ଦ୍ଧ୍ୱ ହେବ। ସନ୍ଧ୍ୟା ସୁଦ୍ଧା ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରାଯାଇଛି।

# ନୂଆ ବସ୍‌ଷ୍ଟାଣ୍ଡ ନିର୍ମାଣ ଆଶା ସଞ୍ଚାର

**ଢେଙ୍କାନାଳ ଅଫିସ,୧୧।୪**

ଦୀର୍ଘବର୍ଷ ଧରି ଯୋଜନା ପରେ ଯୋଜନା ହେଉଥିଲା। କିନ୍ତୁ ଢେଙ୍କାନାଳ ସହରରେ ପ୍ରସ୍ତାବିତ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ କେବଳ ଫାଇଲ୍ ମଧ୍ୟରେ ରହିଯାଉଥିଲା। ବିଳମ୍ବରେ ହେଲେ ମଧ୍ୟ ଜିଲା ପ୍ରଶାସନ ପକ୍ଷରୁ ଏଥିପାଇଁ ପଦକ୍ଷେପ ନିଆଯାଇଛି। ୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱ ମହିଷାପାଟ ପଡିଆରେ ୫ ଏକର ଜାଗା ଚିହ୍ନଟ ପ୍ରାୟ ଚୂଡାନ୍ତ ହୋଇସାରିଛି। ଆସନ୍ତା ୬ମାସ ମଧ୍ୟରେ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ସୂଚନା ଦେବା ପରେ ଅତ୍ୟାଧୁନିକ ନୂଆ ବସ୍‌ଷ୍ଟାଣ୍ଡ ନିର୍ମାଣ ନେଇ ଆଶା ସଞ୍ଚାର ହୋଇଛି।

ପ୍ରକାଶ ଯେ, କିଛିବର୍ଷ ତଳେ ମହିଷାପାଟ ପଡିଆରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏହା କେବଳ ଫାଇଲ ମଧ୍ୟରେ ସୀମିତ ରହିଯାଇଥିଲା। ଜିଲା ଆଞ୍ଚଳିକ ଉନ୍ନୟନ ସଂସ୍ଥା ପକ୍ଷରୁ ସେହି ସମୟରେ ଉକ୍ତ ଜାଗାକୁ ଏକ ଠିକାସଂସ୍ଥାକୁ ହସ୍ତାନ୍ତର କରାଯାଇଥିଲା। ପରେ ଏହାକୁ ନେଇ ବିବାଦ ଉପୁଜିବାରୁ ବସ୍‌ଷ୍ଟାଣ୍ଡ ନିର୍ମାଣ ଯୋଜନା ଅଟକିଯାଇଥିଲା। ୨୦୦୪ ମସିହାରେ ପୌରସଂସ୍ଥା ପକ୍ଷରୁ ସେହି ମହିଷାପାଟ ପଡିଆଠାରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ପକାଯିବା ସହ ଏକ ଯାତ୍ରୀ ବିଶ୍ରାମାଗାର ଓ ଶୌଚାଳୟ ନିର୍ମାଣ ହୋଇଥିଲା। ହେଲେ ପରବର୍ତ୍ତୀ ସମୟରେ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରି ନ ଥିଲା। ଶେଷରେ ଉକ୍ତ ମହିଷାପାଟ ପଡିଆରେ ୫ ଏକର ଜାଗାକୁ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଚିହ୍ନଟ କରାଯାଇଛି। ଏହି ପଡିଆରେ କିଛିବର୍ଷ ହେଲା ଲକ୍ଷ୍ମୀପୂଜା ଅବସରରେ ପଲ୍ଲିଶ୍ରୀ ମେଳା ଆୟୋଜନ କରାଯାଉଥିଲା। ତେବେ ପଲ୍ଲିଶ୍ରୀ ମେଳା ଆୟୋଜନ ପାଇଁ ନିକଟରେ ଅନ୍ୟ ଏକ ୩ ଏକରରୁ ଊର୍ଦ୍ଧ୍ୱ ଜାଗା ତହସିଲ ପକ୍ଷରୁ ଚିହ୍ନଟ କରାଯାଇଛି। ପ୍ରସ୍ତାବିତ ଏହି ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡରେ ଯାତ୍ରୀମାନଙ୍କ ପାଇଁ ସମସ୍ତ ସୁବିଧା ରହିବ। କଟକ ଏବଂ ଅନୁଗୋଳ ଆଡୁ ଆସୁଥିବା ବସ୍‌ଗୁଡିକ ଚଳପ୍ରଚଳ ପାଇଁ ଦୁଇଟି ଫାଟକ ବ୍ୟବସ୍ଥା ହେବ। ଏ ସମ୍ପର୍କରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କହିଛନ୍ତି, ନୂତନ ବସ୍‌ଷ୍ଟାଣ୍ଡ ମହିଷାପାଟଠାରେ ୫ ଏକର ଜାଗାରେ କରାଯିବା ନିମନ୍ତେ ଯୋଜନା ହୋଇଛି। ଏ ସଂକ୍ରାନ୍ତରେ ରାଜ୍ୟ ପରିବହନ ବିଭାଗ ସହିତ ଆଲୋଚନା ହୋଇଛି। ପଲ୍ଲିଶ୍ରୀ ମେଳା ପାଇଁ ମଧ୍ୟ ଅନ୍ୟ ଏକ ଜାଗା ଚିହ୍ନଟ କରାଯାଇଥିବା ଜିଲାପାଳ ସୂଚନା ଦେଇଛନ୍ତି।



ପ୍ରସ୍ତାବିତ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ହେବାକୁ ଥିବା ୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱ ମହିଷାପାଟ ପଡିଆ।

- ମହିଷାପାଟ ପଡିଆରେ ୫ ଏକର ଜାଗା ଚିହ୍ନଟ
- ୬ମାସ ମଧ୍ୟରେ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହେବ
- ଯାତ୍ରୀମାନଙ୍କ ପାଇଁ ରହିବ ଅତ୍ୟାଧୁନିକ ସୁବିଧା

# ଗଦାଶିଳା ଭାରପ୍ରାପ୍ତ ଆର୍‌ଆଇ ନିଲମ୍ବିତ

**ଢେଙ୍କାନାଳ ଅଫିସ,୧୧।୪**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ତହସିଲ ଅଧୀନ ଗଦାଶିଳା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଅସାମାଜିକ କାର୍ଯ୍ୟକଳାପ ଚାଲୁଥିବା ଘଟଣା ଜଣାପଡ଼ିବା ପରେ ରବିବାର ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଭାରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ରଞ୍ଜନ କୁମାର ପାଣିଗ୍ରାହୀଙ୍କୁ ନିଲମ୍ବନ କରିଛନ୍ତି। ଏଥିସହିତ ତାଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରିବା ପାଇଁ ଏସ୍‌ପିଙ୍କୁ ଜଣାଇଛନ୍ତି। ଘଟଣାର ବିଧିବଦ୍ଧ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପାଇଁ ଜିଲାପାଳ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ଗଦାଶିଳା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଭାରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ଉଲଗ୍ନ ଅବସ୍ଥାରେ ଥିବା କେହି ମୋବାଇଲ ମାଧ୍ୟମରେ ଚିତ୍ର ଉତ୍ତୋଳନ କରିଥିଲେ। କାର୍ଯ୍ୟାଳୟ ଭିତରେ ଜଣେ ମହିଳା ଥିବାବେଳେ ତାଙ୍କ ସ୍କୁଟି ମଧ୍ୟ ସେଠାରେ ଥିଲା। ସେହିପରି ବହୁ ଖାଲି ମଦ ବୋତଲ ପଡିଥିଲା। କାର୍ଯ୍ୟାଳୟ ମଧ୍ୟରେ ଭାରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ଉଲଗ୍ନ ଅବସ୍ଥାରେ ଶୋଇଥିବା ଓ ଝରକା ଖୋଲାଥିବା ଘଟଣାକୁ ନେଇ କାର୍ଯ୍ୟାଳୟରେ ଅସାମାଜିକ କାର୍ଯ୍ୟକଳାପ ଚାଲିଥିଲା ବୋଲି ଅଭିଯୋଗ ପଦାକୁ ଆସିଥିଲା। ଏହି ଘଟଣା ପ୍ରଚାର ହେବାପରେ ଜିଲାପାଳ ଭାରପ୍ରାପ୍ତ ରାଜସ୍ୱ ନିରୀକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କହିଛନ୍ତି, ଭାରପ୍ରାପ୍ତ ଆରଆଇଙ୍କୁ ନିଲମ୍ବନ କରାଯାଇଛି। ମାମଲା ରୁଜୁ ପାଇଁ ଏସ୍‌ପିଙ୍କୁ କୁହାଯାଇଛି। ତଦନ୍ତ କରି ରିପୋର୍ଟ ପ୍ରଦାନ ପାଇଁ ଓଡ଼ାପଡ଼ା ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

**କାର୍ଯ୍ୟାଳୟରେ ଅସାମାଜିକ କାର୍ଯ୍ୟକଳାପ ଚର୍ଚ୍ଚା**



ଗଦାଶିଳା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ।

# ସରକାରୀ ଜମି ହଡପ ଅଭିଯୋଗ

**ଛେଣ୍ଡିପଦା,୧୧।୪(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ତହସିଲ ଅନ୍ତର୍ଗତ ବାଲିକୁଦିଆ ଜଙ୍ଗଲ ମୌଜାରେ ଥିବା ସରକାରୀ ଜମିକୁ ଅସାଧୁ ଉପାୟରେ ଦୁଇଜଣ ବ୍ୟକ୍ତି ପଟ୍ଟା କରି ନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ ଯେ, ବାଲିପଟା ଜଙ୍ଗଲ ମୌଜାରେ ଥିବା ଉକ୍ତ ଜମିକୁ ଏକ ପରିବାର ଦଖଲରେ ରଖିବା ସହ ବିଭିନ୍ନ ପ୍ରକାର ପରିବା, ଆମ୍ବ, କାଜୁ ଆଦି ଚାଷ କରୁଥିଲେ। ସେହି ଜମି ଦଖଲ ପାଇଁ ୧୯୬୬ ମସିହାରେ ରାଜସ୍ୱ ବିଭାଗକୁ ଉକ୍ତ ପରିବାର ଜରିମାନା ମଧ୍ୟ ଦେଇଥିଲେ। କିନ୍ତୁ ଉକ୍ତ ଜମିକୁ ଦୁଇଜଣ ବ୍ୟକ୍ତି ଅସାଧୁ ଉପାୟରେ ଲିଜ୍ କରାଇ ନେଇଥିଲେ। କିଛି ଦିନ ତଳେ ସମ୍ପୃକ୍ତ ଦୁଇ ବ୍ୟକ୍ତି ଉକ୍ତ ଜମିକୁ ବିକ୍ରି କରିବା ପାଇଁ ମସୁଧା ଚଳାଇଥିବା ଉକ୍ତ ପରିବାର ଜାଣିବାକୁ ପାଇ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ତେବେ ଏ ନେଇ ତହସିଲ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯାଇ ଦେୱାନୀ ଅଦାଲତର ଆଶ୍ରୟ ନେବା ପାଇଁ ପରାମର୍ଶ ଦିଆଯାଇଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ତହସିଲ ପ୍ରଶାସନର ମତାମତ ମିଳିପାରି ନାହିଁ।



ଅଭିଯୋଗକାରୀ ପରିବାର।

# ପଞ୍ଚାୟତ ଉନ୍ନତି ପାଇଁ ଯତ୍ନବାନ ହୁଅ

**କାମାକ୍ଷାନଗର,୧୧।୪(ଡି.ଏନ.ଏ.)**

କାମାକ୍ଷାନଗର ପଞ୍ଚାୟତ ସମିତିର ନବମ ବୈଠକ ରବିବାର ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଉପାଧ୍ୟକ୍ଷ ରଶ୍ମିରଞ୍ଜନ ଖୁଣ୍ଟିଆ ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଡିଓ ବିକାଶ କୁମାର ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସ୍ଥାନୀୟ ବିଧାୟକ ତଥା ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଯୋଗଦେଇ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ନିଜ ପଞ୍ଚାୟତର ଉନ୍ନତି ପାଇଁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ।

ଚଳିତ ବର୍ଷ କାମାକ୍ଷାନଗର ବ୍ଲକ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୯୫ ପ୍ରତିଶତ ଘର ସମ୍ପୂର୍ଣ୍ଣ କରି ସର୍ବକାଳୀନ ରେକର୍ଡ କରିଥିବାବେଳେ ଏମ୍‌ଜିଏନ୍‌ଆର୍‌ଇଜିଏସରେ ୧୦ ଲକ୍ଷ ୧୦ ହଜାର ଶ୍ରମଦିବସ ସୃଷ୍ଟି କରିପାରିଛି। ସମସ୍ତ ସରପଞ୍ଚ ଓ ସମିତି ସଭ୍ୟଙ୍କ ଉଦ୍ୟମ ଯୋଗୁ ଏହି ସଫଳତା ମିଳିଥିବା ବୈଠକରେ ମନ୍ତ୍ରୀ ପ୍ରକାଶ କରିଥିଲେ। ସେହିପରି ମହାମାରୀ କରୋନା ପ୍ରତି ସତର୍କ ରହିବା ସହ ଗ୍ରାମାଞ୍ଚଳରେ ସଚେତନତା ସୃଷ୍ଟି କରିବା ପାଇଁ ମନ୍ତ୍ରୀ କହିଥିଲେ। ରାୟନୃସିଂହପୁର ସରପଞ୍ଚ ଶିଶିରକାନ୍ତ ବେହେରା କାଳିଆ ଯୋଜନାର ଠିକ ପରିଚାଳନା ସମ୍ପର୍କରେ ଆଲୋଚନା କରିଥିବାବେଳେ କୋଟଗରା ସରପଞ୍ଚ ଲଳିତ ସାହୁ ବିଭିନ୍ନ ଯୋଜନା ସମ୍ପର୍କରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଶ୍ରୀନିବାସ ନାୟକ ପୂର୍ବ ବିବରଣୀ ପାଠ କରିଥିଲେ। ଅତିରିକ୍ତ ବିଡିଓ ଝରଣା ସାମଲ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରଜଙ୍ଗ ବିଧାୟକଙ୍କ ପ୍ରତିନିଧି ବିନୟ କୁମାର ସାହୁ, ସହକାରୀ ପଫୁଲ୍ଲ କୁମାର ସାମଲ, ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ ପାତ୍ର, ସହକାରୀ କୃଷି ଅଧିକାରୀ ସନ୍ତୋଷ କୁମାର ତରାଇ, ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ନଳିନୀ ଶଙ୍କର ରଥଙ୍କ ସମେତ ବିଭିନ୍ନ ପଞ୍ଚାୟତ ପ୍ରତିନିଧି, ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ପଞ୍ଚାୟତ ଲୋକପ୍ରତିନିଧି ଓ ଅନ୍ୟମାନେ।

**କାମାକ୍ଷାନଗର ପଞ୍ଚାୟତ ସମିତି ବୈଠକ**

# ୯୨ ଗ୍ରାମବାସୀ କରିବେ ଆନ୍ଦୋଳନ

**ବନ୍ତଲା,୧୧।୪(ଡି.ଏନ.ଏ.)**

ଅନୁଗୋଳ ଜିଲାର ଅନୁଗୋଳ, ଛେଣ୍ଡିପଦା ଓ ଆଠମଲ୍ଲିକ ନିର୍ବାଚନମଣ୍ଡଳୀର ୯୨ ଚକବନ୍ଦୀ ଗ୍ରାମବାସୀ ଚକବନ୍ଦୀ ସମ୍ପୂର୍ଣ୍ଣ ଉଚ୍ଛେଦ ଦାବିରେ ଆସନ୍ତା ୨୩ରେ ଆନ୍ଦୋଳନ କରିବେ। ଏ ନେଇ କ୍ଷତିଗ୍ରସ୍ତ ଚକବନ୍ଦୀ ଚାଷୀ କମିଟି ପକ୍ଷରୁ ରବିବାର ପୋକତୁଙ୍ଗା ରଣେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ସାଧାରଣ ବୈଠକରେ ନିଷ୍ପତ୍ତି ନିଆଯାଇଛି। କମିଟି ସଭାପତି ଭାସ୍କର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଏଥିରେ ବିଭିନ୍ନ ଚକବନ୍ଦୀ ଗ୍ରାମରୁ ଆସିଥିବା ଚାଷୀ ଦିନେଶ ଦେହୁରୀ, ସହଦେବ ବେହେରା, ଜାତୀନ୍ଦ୍ର ପ୍ରଧାନ, ଟୁନ କର, ରୁଦ୍ରମୋହନ ମିଶ୍ର, ତ୍ରିନାଥ ସାହୁ, ସୁରେଶ ଦେହୁରୀ, ନୀଳମଣି ବେହେରା, ତ୍ରୈଲୋକ୍ୟ ସାହୁ, ବ୍ରଜବନ୍ଧୁ ପ୍ରଧାନ, ପ୍ରଦୀପ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

ଚାଷୀମାନେ କହିଛନ୍ତି, ଦୀର୍ଘ ୪୦ ବର୍ଷଧରି ଚକବନ୍ଦୀ ଯୋଗୁ ଚାଷୀମାନେ ଦୁଃଖ କଷ୍ଟରେ ଚଳୁଛନ୍ତି। ଜମି ଅଛି କିନ୍ତୁ ପଟା ନାହିଁ। ପଟା ଥିଲେ ଦଖଲ ନାହିଁ। ଫଳରେ ଚାଷୀ କୌଣସି ଅତି ଜରୁରୀ ପରିସ୍ଥିତିରେ ନିଜ ଜମି କିଣା ବିକା କରିପାରୁ ନାହାନ୍ତି। ଅଂଶୀଦାର ମଧ୍ୟରେ ଭାଗବଣ୍ଟା ହୋଇପାରୁ ନାହିଁ। ୧୯୫୨-୬୨ ବନ୍ଦୋବସ୍ତ ଅନୁଯାୟୀ ଜମି ଦଖଲ ଥିବାରୁ ଜମି ଚିହ୍ନଟ ହେଉ ପାରୁନାହିଁ। ଜମି ପାସ୍‌ବୁକ ହୋଇ ପାରୁନାହିଁ। ଚକ ହୋଇଥିବା ଜମିର ମୂଲ୍ୟ କମ୍ ଥିବା ସ୍ଥଳେ ପଡୋଶୀ ମୌଜାର ଚକ ହୋଇ ନ ଥିବା ସମାନ କିସମ ଜମିର ମୂଲ୍ୟ ଯଥେଷ୍ଟ ଅଧିକ ହୋଇଛି। ଭୂଅର୍ଜନ ସମୟରେ କ୍ଷତିଗ୍ରସ୍ତ ପ୍ରଜା କ୍ଷତିପୂରଣ, ଥଇଥାନ, ସହାୟତା, ଚାକିରି ପାଇ ପାରୁ ନାହାନ୍ତି। ଅନୁଗୋଳ ଜିଲା ଶିଳ୍ପ ସମୃଦ୍ଧ ଜିଲା ଭାବେ ପରିଚିତ। ସେହି ପରିପ୍ରେକ୍ଷୀରେ କିସମ ପରିବର୍ତ୍ତନ ନିମନ୍ତେ ଦରଖାସ୍ତ କଲେ ତାହା ହୋଇପାରୁନାହିଁ। ପର୍ଯ୍ୟାପ୍ତ ସମତଳ ଓ ଜଳସେଚନ ସୁବିଧା ଥିବା ମୌଜା ଚକ ନ ହୋଇ ପରୀକ୍ଷା ମୂଳକ ଭାବେ ଅଣଜଳସେଚିତ ଓ ଅଳ୍ପସେଚିତ ଜମିରେ ଚକ ହୋଇଛି। ୧୯୫୨-୬୨ ବନ୍ଦୋବସ୍ତର ନିଷ୍ପତ୍ତି ଅନୁଯାୟୀ ସାନି ସରଜମିନ ତଦନ୍ତ କରାଯାଇ ଜମି ଜମାର ସୁବନ୍ଦୋବସ୍ତ କରାଯାଉ। ସମ୍ପୂର୍ଣ୍ଣ ଚକ ଉଚ୍ଛେଦ କରି ବନ୍ଦୋବସ୍ତ କରି ନୂତନ ପଟା ବଣ୍ଟନ କରିବାକୁ ଚାଷୀମାନେ ଦାବି କରିଛନ୍ତି। ବୈଠକରେ ୯୨ ଟି ଚକଭୁକ୍ତ ଗ୍ରାମର ୬୦୦ ରୁ ଊର୍ଦ୍ଧ୍ୱ ଚକବନ୍ଦୀ ଚାଷୀ, ଗ୍ରାମ ସଭାପତି, ସରପଞ୍ଚ ପ୍ରମୁଖ ବ୍ୟକ୍ତି ମାନେ ଉପସ୍ଥିତ ଥିଲେ।



ଚକବନ୍ଦୀ ଚାଷୀ କମିଟି ପକ୍ଷରୁ ରବିବାର ପୋକତୁଙ୍ଗା ରଣେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ସାଧାରଣ ବୈଠକରେ ଚାଷୀମାନେ।

**ଗର୍ଜିଲେ ଚକବନ୍ଦୀ ଚାଷୀ**

# ଅବସରପ୍ରାପ୍ତ ଶତାୟୁ ପୋଲିସ ଅଧିକାରୀଙ୍କ ପରଲୋକ

**ଢେଙ୍କାନାଳ ଅଫିସ,୧୧।୪**

ଢେଙ୍କାନାଳ ପୌରାଞ୍ଚଳର ୫ନଂ. ୱାର୍ଡ ଚାନ୍ଦମାରୀ ସାହିରେ ରହୁଥିବା ଅବସରପ୍ରାପ୍ତ ପୋଲିସ ଅଧିକାରୀ ସତ୍ୟାନନ୍ଦ ମହାପାତ୍ରଙ୍କ ରବିବାର ପୂର୍ବାହ୍ନ ସାଢେ ୯ଟାରେ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୧୦୭ ବର୍ଷ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପରିବାର ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଖବରପାଇ ବହୁ ବିଶିଷ୍ଟ ବ୍ୟକ୍ତି, ବରିଷ୍ଠ ନାଗରିକ ଓ ଅଞ୍ଚଳବାସୀ ତାଙ୍କ ବାସଭବନକୁ ଯାଇ ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ ୧୯୧୫ ଜୁଲାଇ ୧ରେ ଓଡ଼ାପଡ଼ା ବ୍ଲକ ବ୍ରଜବିହାରୀପୁର ଶାସନ ଧଳପୁରଠାରେ ଜନ୍ମଗ୍ରହଣ କରିଥିଲେ। ବ୍ରଜନାଥ ବଡଜେନା ହାଇସ୍କୁଲରୁ ମାଟ୍ରିକ ପାସ୍ କରିବା ପରେ ୧୯୩୧ରେ ପୋଲିସ ବିଭାଗରେ ସହକାରୀ ସବ୍ ଇନ୍ସପେକ୍ଟର ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ୧୯୪୪ରେ ସେ ଏସ୍‌ଆଇ ଓ ୧୯୬୪ରେ ଇନ୍ସପେକ୍ଟର ପଦବୀକୁ ପଦୋନ୍ନତି ପାଇଥିଲେ। ୧୯୭୦ ଜୁନ ୩୦ରେ ସେ ଗୋଇନ୍ଦା ବିଭାଗ ଇନ୍ସପେକ୍ଟର ଭାବେ ଅବସରଗ୍ରହଣ କରିଥିଲେ। ଏହାପରେ ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ପ୍ରତିନିଧି ଭାବେ ଦୀର୍ଘଦିନ ଧରି କାର୍ଯ୍ୟ କରିଥିଲେ। ଅନ୍ଧ, ମୂକ, ବଧିର ବିଦ୍ୟାଳୟର ସେ ଆଜୀବନ ପରିଚାଳନା କମିଟି ସଦସ୍ୟ ରହିଥିଲେ। ଢେଙ୍କାନାଳ ଟାଉନ କ୍ଲବ ତଥା ବିନୋଦ ଭବନର ସେ ପ୍ରତିଷ୍ଠାତା ସଦସ୍ୟ ଥିଲେ। ଓଡ଼ିଶା ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତି ପକ୍ଷରୁ ସେ ୨୦୧୬ରେ ସମ୍ମାନିତ ହୋଇଥିବା ବେଳେ ଢେଙ୍କାନାଳ ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ପକ୍ଷରୁ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ଅବସରରେ ୨୦୧୨ରେ ସମ୍ବର୍ଦ୍ଧିତ ହୋଇଥିଲେ। ପୁରୀ ସ୍ୱର୍ଗଦ୍ୱାର ଠାରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କ ପରଲୋକରେ ଢେଙ୍କାନାଳରେ ଶୋକର ଛାୟା ଖେଳିଯାଇଛି।



ସତ୍ୟାନନ୍ଦ ମହାପାତ୍ର।

